## ଗ୍ରାମୀଣ କୃଷି ମୌସମ ସେବା
## ଭାରତୀୟ ପାଣିପାଗ ବିଭାଗ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

ପତ୍ର ସଂ –୧୦/୨୦୨୪ | ସପ୍ତାହ- ୦୫ | ଶୁକ୍ରବାର, ତାରିଖ-୦୨.୦୨.୨୦୨୪

**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦/୦ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୪ ଠାରୁ) | ୨.୨/୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୩୦.୧ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୧୪.୭ |

**କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୦୩.୦୨.୨୦୨୪ ରୁ ୦୭.୦୨.୨୦୨୪ ପର୍ଯ୍ୟନ୍ତ:**

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚଦିନରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି । ଏହି ସମୟରେ ଆକାଶ ମୁଖ୍ୟତଃ ମେଘମୁକ୍ତ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ମୁଖ୍ୟତଃ ଦକ୍ଷିଣ-ପୂର୍ବ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୬ - ୦୦୮ କି.ମି. ବେଗରେ ବହିବାର ଆଶଙ୍କା ଅଛି। ଏହି ସମୟରେ ଦିନର ସର୍ବାଧିକ ତାପମାତ୍ରା ୩୨ - ୩୪ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୩ – ୧୮ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୬୨ – ୮୨ % ଓ ୧୯– ୨୯ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୩-୦୨-୨୦୨୪ | ୦ | ୩୩ | ୧୮ | ୦ | ୬୨ | ୨୯ | ୬ | ୨୦୫ |
| | ୦୪-୦୨-୨୦୨୪ | ୦ | ୩୨ | ୧୭ | ୨ | ୬୩ | ୨୨ | ୫ | ୧୫୦ |
| | ୦୫-୦୨-୨୦୨୪ | ୦ | ୩୩ | ୧୬ | ୦ | ୮୨ | ୧୯ | ୬ | ୧୫୮ |
| | ୦୬-୦୨-୨୦୨୪ | ୦ | ୩୩ | ୧୫ | ୦ | ୭୭ | ୨୨ | ୭ | ୧୮୦ |
| | ୦୭-୦୨-୨୦୨୪ | ୦ | ୩୪ | ୧୩ | ୦ | ୭୪ | ୨୪ | ୮ | ୨୨୫ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

### ପାଣିପାଗ ଭିତ୍ତିକ କୃଷି ଉପଦେଶ

- ଛିଡ଼ା ହେଇଥିବା ଫସଲ ଯଥା ମୁଗ, ବିରି, ଚିନାବାଦମ, ସୂର୍ଯ୍ୟମୁଖୀ, ବୁଟ, ମକା ଆଦିରେ ଆବଶ୍ୟକ ସ୍ଥଳେ ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- କୀଟ ସଂଖ୍ୟାର ନିୟନ୍ତ୍ରଣ ନିମନ୍ତେ ମୁଗ, ବିରି, ଚିନାବାଦାମ, ବୁଟ ଏବଂ ପନିପରିବା ଜାତୀୟ ଫସଲରେ ଜମି ଭିତରେ ଓ ଚାରିପାଖରେ ପକ୍ଷୀ ମାନଙ୍କ ବିଶ୍ରାମ ନିମନ୍ତେ "T" ଆକାର ଭଳି ବାଡ଼ି ପୋତନ୍ତୁ।
- ବାଇଗଣ, ଫୁଲକୋବି, ବନ୍ଧାକୋବି, ଟମାଟୋ ଆଦି ପନିପରିବା ରେ ଫଳବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୩ ରୁ ୪ ଟି ଫେରୋମୋନ୍ ଟ୍ରାପ ବ୍ୟବହାର କରନ୍ତୁ ।
- ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ, ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ ।
- ମୃତିକା ପରୀକ୍ଷା କରି ସର୍ବଦା ଅନୁମୋଦିତ ମାତ୍ରାରେ ରାସାୟନିକ ସାର ପ୍ରୟୋଗ କରନ୍ତୁ ଏବଂ ରାସାୟନିକ ଔଷଧ କୁ ସର୍ବଦା ଅନୁମୋଦିତ ମାତ୍ରା ଓ ସଠିକ ପ୍ରଣାଳୀରେ ସକାଳେ ଅଥବା ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ ଏବଂ ପ୍ରୟୋଗ ସମୟରେ ପବନର ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ।
- ଗୋଲାପ ଫୁଲଚାଷରେ ପତ୍ରରେ କଳା ଦାଗ ଦେଖା ଦେଉଥିଲେ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।
- ଗେଣ୍ଡୁ ଫୁଲଚାଷରେ ଫୁଲଶଢା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ଗ୍ରାମ ମେଙ୍କୋଜେବ ୭୫% ଡବ୍ଲୁ.ପି କିମ୍ବା ୧ ଗ୍ରାମ କାରବେନଡାଜିମ ୫୦% ଦବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ଗୃହପାଳିତ ଗାଈ, ମଇଁଷି, ଛେଳି, ମେଣ୍ଢା ମାନଙ୍କୁ ଫାଟୁଆ, ସାହାଣ, ବଜବଜିଆ, ଛେଳି ମଡ଼କ ଓ ଛେଳି ବସନ୍ତ ଆଦି ରୋଗରୁ ରକ୍ଷା କରିବା ପାଇଁ ଉପଯୁକ୍ତ ସମୟରେ ଟୀକା ଦାନ କରନ୍ତୁ।

### ଡାଲୁଅ ଧାନ :

- ରୁଆ କାର୍ଯ୍ୟ ପାଇଁ ମୁଖ୍ୟ ଜମିକୁ ପ୍ରସ୍ତୁତ କରିଦିଅନ୍ତୁ । ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ଏକର ପିଛା ଡି.ଏ.ପି ୪୪ କି.ଗ୍ରା ଓ ୨୨ କି.ଗ୍ରା. ଏମ.ଓ.ପି ପ୍ରୟୋଗ କରନ୍ତୁ।

**Email:** aas.bhawanipatna@gmail.com, **Web Portal:** https://ouat.ac.in/quick-links/agro-advisory-services/

AMFU, RRTTS, OUAT, Bhawanipatna | amfu_bhawanipatna | AMFU_Kalahandi | GKMS-AMFU_RRTTS_BHAWANIPATNA

- ୩ ରୁ ୪ ସପ୍ତାହ ହେଇଥିବା ତଳିକୁ ବୁଦାପ୍ରତି ୩-୪ ଟି ହିସାବରେ ଧାଡ଼ି କୁ ଧାଡ଼ି ଏବଂ ବୁଦା କୁ ବୁଦା ୧୫ ସେ.ମି ବ୍ୟବଧାନରେ ସିଧାଭାବରେ ଓ ଅଳ୍ପ ଗଭୀରରେ ରୋପଣ କରନ୍ତୁ।
- ପତ୍ରପୋଡ଼ା ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ତଳି ମୂଳକୁ ୦.୧% ପ୍ଲାନଟୋମାଇସିନ ଦ୍ରବଣରେ (୧ଗ୍ରାମ ପ୍ରତି ୧ ଲିଟର ପାଣି ହିସାବରେ ) ୩୦ ମିନିଟ ପର୍ଯ୍ୟନ୍ତ ବୁଡ଼ାଇ ରୋପଣ କରନ୍ତୁ।
- ମୁଖ୍ୟ ଜମିରେ ଘାସ ନିୟନ୍ତ୍ରଣ ପାଇଁ ବେନସଲଫ୍ୟୁରାନ ମିଥାଇଲ ଓ ପ୍ରିଟିଲାକ୍ଲୋର ର ମିଶ୍ରଣକୁ ଏକର ପିଛା ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୫ ରୁ ୧୦ ଦିନ ମଧରେ ପ୍ରୟୋଗ କରନ୍ତୁ ନଚେତ ରୋଇବାର ୩ ରୁ ୫ ଦିନ ମଧରେ ୫ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% ଡବ୍ଲ୍ୟୁ.ପି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

**ରୋଗ ଓ ପୋକ ପରିଚାଳନା:**

- **କାଣ୍ଡ ଓ ଗଳା ସଢ଼ା:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲ୍ୟୁ.ପି କିମ୍ବା ୧.୫ ଗ୍ରାମ୍ କାରବେନଡାଜିମ୍ ୫୦% ଡବ୍ଲ୍ୟୁ.ପି କିମ୍ବା ୨ ମି.ଲି. ଭେଲିଡାମାଇସିନ କୁ ଭଲଭାବରେ ମିଶ୍ରଣ କରି ଗଛର ମୂଳ ଭାଗରେ ସିଞ୍ଚନ କରନ୍ତୁ।
- **ଧଳାମାଛି, ଜଉ, ପତ୍ର ଡିଆଁ ପୋକ:** ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ କୁ ଜମିରେ ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ ।
- **ଉକୁଣିଆ ପୋକ:** ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ ଜମିରେ ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ ।
- **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।

**ମକା :**

- **ଘାସ ପରିଚାଳନା:** ମକା ବୁଣିବାର୨୦ରୁ ୨୫ ଦିନ ହେଇଯାଇଥିଲେ ଘାସ ବଛା ଓ ହୁଡ଼ା ଟେକା କାମ ସାରିଦିଅନ୍ତୁ । ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ମଧରେ ପ୍ରତି ୧୦ ଲିଟର ପାଣିରେ ୬ ମି.ଲି ଟେମ୍ବୋଟ୍ରାଇଓନ ୩୪.୪% ଏସ.ସି କିମ୍ବା ୧.୫ ଗ୍ରାମ ଟୋପ୍ରାମିଜୋନ ୩୩.୬% ଏସ.ସି କୁ ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ।
- **ସାର ପରିଚାଳନା:** ମଞ୍ଜି ବୁଣିବାର ୩୫ ରୁ ୪୦ ଦିନ ହେଇଯାଇଥିଲେ ପ୍ରଥମ କିସ୍ତି ସାର ଭାବରେ ଏକର ପିଛା ୨୫-୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ ।

**କୀଟ ପରିଚାଳନା:**

- **ଜଉ ଓଉକୁଣିଆ ପୋକ:** ପ୍ରତିକାର ଲାଗି ପ୍ରତି ପାଞ୍ଚ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ମିଶ୍ରଣ କରି ସିଂଚନ କରନ୍ତୁ।
- **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି. କୁ ମିଶାଇ ସିଂଚନ କରନ୍ତୁ।
- **ଫଲ ଆର୍ମି ୱର୍ମ:** ଏହି କୀଟର ନିୟନ୍ତ୍ରଣ ନିମନ୍ତେ ପ୍ରତି ପାଞ୍ଚ ଲିଟର ପାଣିରେ ୨ ଗ୍ରା. ଇମାମେକଟିନ୍ ବେନଜୋଏଟ୍ କୁ ମିଶାଇ ସିଂଚନ କରନ୍ତୁ ।

**ମୁଗ ଓ ବିରି :**

- **ଘାସ ପରିଚାଳନା:** ସଅଳ ଗଜା ପରବର୍ତୀ ଘାସମରା ଔଷଧ ଭାବରେ ବିହନ ବୁଣିବାର ୧୫ ରୁ ୨୦ ଦିନ ମଧରେ ୧୦ ଲିଟର ପାଣିରେ ୩ ମିଲିଗ୍ରାମ ହିସାବରେ ଇମାଯେଥାପିର ୧୦% ଏସ.ଏଲ କିମ୍ବା ୧ ମି.ଲି ଇମାଯେଥାପିର ୩୫% + ଇମଜାମୋକ୍ସ ୩୫% ଏସ.ଏଲ କୁ ପ୍ରତି ୫ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ରୋଗ ପରିଚାଳନା:**

- **ସାହେବୀ ରୋଗ:** ଏହି ରୋଗର ଉପସ୍ଥିତି ଦେଖା ଦେଉଥିଲେ ସଂକ୍ରମିତ ହେଇଥିବା ଗଛ ଗୁଡ଼ିକୁ ଅପାଡ଼ି ମାଟି ତଳେ ପୋତି ଦିଅନ୍ତୁ। ଏହି ରୋଗର ବାହକ ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ କୁ ଜମିରେ ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ ।

**ସୂର୍ଯ୍ୟମୁଖୀ:**

**ରୋଗ ଓ କୀଟ ପରିଚାଳନା:**

- **ଶୋଷକ କୀଟ ସମୂହ (ଜଉ ପୋକ, ପତ୍ରଡିଆଁ ପୋକ, ଉକୁଣିଆ ପୋକ ଓ ଧଳାମାଛି):** ପ୍ରତିକାର ପାଇଁ ୩ ଗ୍ରାମ ଏସିଟାମିପ୍ରିଡ କିମ୍ବା ୪ ଗ୍ରାମ ଥାୟୋମେଥୋକଜାମ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ସୂର୍ଯ୍ୟମୁଖୀ କଢ ସୁଡ଼ଙ୍ଗୀ ପୋକ:** ପ୍ରତିକାର ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ବାସିଲୁସ ଥୁରିନଜିନସିସ (ଉପଜାତି-କୁରଷ୍ଟାକି) ୫% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ପାଉଁଶିଆ ରୋଗ:** ପ୍ରତିକାର ପାଇଁ ୧ ମିଲିଗ୍ରାମ ପ୍ରୋପିକୋନାଜୋଲ ୨୫% ଇ.ସି କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

- **ଫୁଲ ସଢା ରୋଗ:** ପ୍ରତିକାର ପାଇଁ ୩ ଗ୍ରାମ କପ୍ପରଅକ୍ସିକ୍ଲୋରାଇଡ ୫୦% ଡବ୍ଲ୍ୟୁ. ପି. କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପନିପରିବା :

### ଟମାଟୋ:

**ରୋଗ ଓ କୀଟ ପରିଚାଳନା:**

- **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ ନଚେତ ପ୍ରତି ୧୫ ଧାଡ଼ି ବ୍ୟବଧାନରେ ଗେଣ୍ଡୁଫୁଲ କୁ ଅନ୍ତ ଫସଲ ରୂପେ ଲଗାନ୍ତୁ। ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପତ୍ରଦାଗ/ପାଉଁଶିଆ ରୋଗ:** ପ୍ରତି ଏକ ଲିଟର ପାଣିରେ ୬ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ ୪.୮% + କ୍ଲୋରୋଥାଲୋନିଲ ୪୦% ଏସ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଝାଉଁଳା ଓ ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ କରବେନଡାଜିମ ସହିତ ୧ଗ୍ରାମ ପ୍ଲାନଟୋମାଇସିନ କୁ ମିଶ୍ରଣ କରି ଗଛ ମୂଳରେ ସିଞ୍ଚନ କରନ୍ତୁ।

### ଫୁଲ କୋବି ଓ ବନ୍ଧା କୋବି:

**କୀଟ ପରିଚାଳନା:**

- **ଠିକିରି ପିଠିଆ ପ୍ରଜାପତି ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ଜଉ ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି **କୁ** ମିଶାଇ ସିଞ୍ଚନ କରନ୍ତୁ ।

### ଲଙ୍କା :

**ରୋଗ ଓ କୀଟ ପରିଚାଳନା:**

- ବର୍ତମାନ ଗଛରେ ଉକୁଣିଆ ପୋକ ଓ ଫଳସଢ଼ା ରୋଗ ର ସଂକ୍ରମଣ ଲକ୍ଷ୍ୟ କରାଯାଇଛି | ଉକୁଣିଆ ପୋକ ଦ୍ଵାରା ଗଛ ର ପତ୍ରଗୁଡିକ ଉପରକୁ କୁଞ୍ଚିତ ହେଇଥାଏ | ଫଳସଢ଼ା ରୋଗ ହେଇଥିଲେ ଫଳ ରେ ଗୋଲାକାର ତଥା ତୀକ୍ଷ୍ଣ କୋଣଯୁକ୍ତ କ୍ଷତ ପରିଲିକ୍ଷିତ ହୋଇଥାଏ।
- **ଉକୁଣିଆ ପୋକ**: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୨ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୧୦ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୧.୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଫଳସଢ଼ା ରୋଗ**: ପ୍ରତିକାର ପାଇଁ ଏକ ଲିଟର ପାଣିରେ ଆଜୋକ୍ସିଷ୍ଟ୍ରୋବିନ୍ ୮.୩% + ମଙ୍କୋଜେବ ୬୬.୭% ଡବ୍ଲ୍ୟୁ.ଜି ୩ ଗ୍ରାମ୍ କିମ୍ବା ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି ୦.୫ ଗ୍ରା. ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

## ପଶୁପାଳନ:

- **ଗାଈ ଓ ମଇଁଷି :** ଦୁଗ୍ଧ ଦେଉଥିବା ପ୍ରାଣୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଦାନା ଓ ସବୁଜ ଘାସ ଯୋଗାଇ ଦିଅନ୍ତୁ।
- **କୁକୁଡ଼ା:** କୁକୁଡ଼ା ଚିଆଁ ମାନଙ୍କୁ ଆବଶ୍ୟକୀୟ ଟୀକାକରଣ କରିବା ସଙ୍ଗେ ସଙ୍ଗେ ପ୍ରଥମ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ତାପମାତ୍ରା ପ୍ରଦାନ କରନ୍ତୁ। କୁକୁଡ଼ା ଘରକୁ ନିୟମିତ ଭାବେ ସଫା ରଖନ୍ତୁ ଓ ଚଟଣାକୁ ଆର୍ଦ୍ରତା ମୁକ୍ତ କରନ୍ତୁ।
- **ଛେଳି:** ଶୀତଦିନିଆ ଥଣ୍ଡା ପବନ ଓ ସନ୍ତସନ୍ତିଆ ଚଟାଣ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ। ୨ ରୁ ୩ ମାସର ଛେଳି ଛୁଆମାନଙ୍କୁ ପ୍ରତିଦିନ ୫୦ ରୁ ୧୦୦ ଗ୍ରାମ ଦାନା ଖାଦ୍ୟ ଯୋଗାଇ ଦିଅନ୍ତୁ। ଏହାଦ୍ୱାରା ଛୁଆମାନଙ୍କର ସଠିକ ଶାରୀରିକ ବୃଦ୍ଧି ହେଇଥାଏ।

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**